## ଜବରଦଖଲରେ ମୂଲ୍ୟବାନ୍ ଜମି

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ବୋଦାପଳସା ଗ୍ରାମରେ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଜମିକୁ କେତେକ ଜବରଦଖଲ କରି ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀ ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଜମିକୁ ସାଧାରଣ ଲୋକ ତଥା ଛାତ୍ରାଛାତ୍ରୀମାନେ ଖେଳକୁଦ ପାଇଁ ବ୍ୟବହାର କରିଆସୁଥିଲେ। ତେବେ ଉକ୍ତ ଜମିରେ ଘର କରି ଭଡ଼ା ଦେବାକୁ ଉଦ୍ୟମ କରାଯାଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ସଂକ୍ଷେପରେ

## ୨୯ରେ ଭଦ୍ରକ ବନ୍ଦ

ଭଦ୍ରକ ଅଫିସ, ୨୫।୧୦-ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଭଦ୍ରକ କଲେଜକୁ ବଶ୍ୱବିଦ୍ୟାଳୟ ଘୋଷଣା ଏବଂ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆସନ୍ତା ୨୯ ତାରିଖରେ ଜିଲା ବନ୍ଦ ଡାକରା ଦିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। କେବଳ ଔଷଧ ଦୋକାନ ଖୋଲା ରହିବ। ଏହି ଆନ୍ଦୋଳନରେ ସମସ୍ତ ରାଜନୈତିକ ଦଳ ଏବଂ ସାମାଜିକ ଅନୁଷ୍ଠାନ ସାମିଲ ହେବେ ବୋଲି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସଭାପତି ଡ. ରବି ମହାପାତ୍ର ସୂଚନା ଦେଇଛନ୍ତି।

## ଗଣ ବଳାତ୍କାର ମାମଲାରେ ୨ ଗିରଫ

କେନ୍ଦୁଝର,୨୫।୧୦(ସ୍ୱ.ପ୍ର.)- କେନ୍ଦୁଝର ସଦର ଥାନା ଅଧୀନ ମଇଦାନକେଲ ଅଞ୍ଚଳର ଜଣେ ନାବାଳିକାଙ୍କୁଗଣ ବଳାତ୍କାର ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସଞ୍ଜୟ ମୁଣ୍ଡା ଓ ସିପୁନ ମହାନ୍ତ। ନାବାଳିକା ଜଣଙ୍କ ଲକ୍ଷ୍ମୀପୂଜା ଭସାଣି ଦେଖିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କ ଓଢ଼ଣୀରେ ହାତ ବାନ୍ଧି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୪୩୧/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## ଇସ୍ତଫା ଦେଲେ ଭାଜପା ଯୁବମୋର୍ଚ୍ଚା ସଭାପତି

ଭଦ୍ରକ ଅଫିସ, ୨୫।୧୦-ଭଦ୍ରକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠ ସୋମବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଭାଜପାର ପ୍ରାଥମିକ ସଦସ୍ୟତାରୁ ସେ ଇସ୍ତଫା ଦେଇଥିବା ନେଇ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଇସ୍ତଫାପତ୍ର ରାଜ୍ୟ ଓ ଜିଲା ସଭାପତିଙ୍କୁ ପ୍ରଦାନ କରିଥିବା ଜଣାଇଛନ୍ତି। ତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା କାରଣରୁ ସେ ନିଜକୁ ଅସୁରକ୍ଷିତ ମନେ କରି ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି।

## ବୁଦା ଭିତରୁ ମିଳିଲା ଅଚିହ୍ନା ମହିଳାଙ୍କ ମୃତଦେହ

ଯୋଡ଼ା,୨୫।୧୦(ଡି.ଏନ.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ କମଳପୁର ଗ୍ରାମରେ ସୋମବାର ଏକ ବୁଦା ଭିତରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମ ନିକଟ ରାସ୍ତାରେ ବୁଦା ଭିତରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପଡ଼ିଥିବା ଏବଂ ସେଥିରୁ ଦୁର୍ଗନ୍ଧ ହେଉଥିବା ନେଇ ସ୍ଥାନୀୟ ଲୋକେ ଅପରାହ୍ନରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

## ନାବାଳିକା ହତ୍ୟା ଘଟଣାରେ ଅଜା ଗିରଫ

କେନ୍ଦୁଝର,୨୫।୧୦(ସ୍ୱ.ପ୍ର.)- କେନ୍ଦୁଝର ସଦର ଥାନା ଅନ୍ତର୍ଗତ ହଳଦୀଗୁଣା ଗ୍ରାମରେ ଜଣେ ୫ ବର୍ଷର ଶିଶୁ କନ୍ୟାଙ୍କୁ ହତ୍ୟା ଘଟଣାରେ ପୋଲିସ ତାଙ୍କ ସମ୍ପର୍କୀୟ ଅଜାଙ୍କୁ ଗିରଫ କରିଛି। ସେ ହେଲେ ବୁଧୁରାମ ମୁଣ୍ଡା। ଘଟଣା ଦିନ ଶିଶୁ କନ୍ୟା ଜଣକ ଲକ୍ଷ୍ମୀପୂଜା ଉପଲକ୍ଷେ ହେଉଥିବା ଝୁମୁର ନାଚ ଦେଖିବାକୁ ଯାଇଥିଲେ। ନାଚ ଦେଖି ବାହାରକୁ ଆସିଥିବା ବେଳେ ବୁଧୁରାମ ତାଙ୍କୁ ଡାକି ନେଇ କିଛି ଦୂରରେ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ଝିଅଟି ଏକଥା କାହାକୁ କହିଦେବ ଭାବି ବୁଧୁରାମ ତାଙ୍କୁ ତଣ୍ଟି ଚିପି ମାରିଦେଇଥିବା ଏସ୍‌ଡିପିଓ ପି.ଜେ.ଟପ୍ପୋ ସୂଚନା ଦେଇଛନ୍ତି।

## ଫାଷ୍ଟଫୁଡ୍ ଦୋକାନରେ ବିଦେଶୀ ମଦ

ପାଟଣା, ୨୫।୧୦(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇ ଟାଙ୍ଗିରି ସ୍ଥିତ ବଜାରରେ ଚାଲିଥିବା ଏକ ଫାଷ୍ଟଫୁଡ୍ ଦୋକାନରୁ ରବିବାର ରାତିରେ ତୁରୁମୁଙ୍ଗା ପୋଲିସ ବହୁ ପରିମାଣର ବେଆଇନ ବିଦେଶୀ ମଦ ଜବତ କରିଛି। ଏଥିସହ ପୋଲିସ ଦୋକାନ ମାଲିକ ନିତ୍ୟାନନ୍ଦ ମଣ୍ଡଳଙ୍କୁ ଥାନାକୁ ନେଇ ପଚରାଉଚରା ପରେ ଜାମିନରେ ଛାଡ଼ିଛି। ତାଙ୍କଠାରୁ ୧୧ ବୋତଲ ବିୟର ଓ ୨୧ ବୋତଲ ନିବ୍ ଜବତ ହୋଇଥିବା ଥାନାଧିକାରୀ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି।

# କପିଳାସ ହସ୍ତୀ ଆଶ୍ରୟସ୍ଥଳୀକୁ ଯିବ ହାତୀଛୁଆ

କେନ୍ଦୁଝର,୨୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବସନ୍ତପୁର ପଞ୍ଚାୟତ ନିଧିଗୋଠ ଗ୍ରାମରେ ଏକ କୂଅରେ ପଡ଼ିଯାଇଥିଲା ହାତୀଛୁଆ। ବନ ବିଭାଗ ପକ୍ଷରୁ ହାତୀଛୁଆକୁ ଉଦ୍ଧାର କରାଯାଇଛି। ହେଲେ ମା' ହାତୀ ଛୁଆକୁ ଗ୍ରହଣ ନ କରିବା ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ଶେଷଥର ଚେଷ୍ଟା ପରେ ତା'ର ସୁରକ୍ଷା ଲାଗି ମଙ୍ଗଳବାର ମାଈ ହାତୀ ଛୁଆକୁ ଢେଙ୍କାନାଳ ଜିଲା କପିଳାସଠାରେ ଥିବା ହସ୍ତୀ ଆଶ୍ରୟସ୍ଥଳୀକୁ ପଠାଯିବ ବୋଲି ଡିଏଫ୍‌ଓ ଡି.ଡି. ହନୁମତ ସୂଚନା ଦେଇଛନ୍ତି। ହାତୀଛୁଆଟିର ବୟସ କମ୍ ଥିବାରୁ ତା'ର ଠିକ୍ ଭାବେ ଖାଦ୍ୟ ଖାଇବା ଓ ଚିକିତ୍ସା ବ୍ୟବସ୍ଥା କରା ନ ଗଲେ ଜୀବନ ପ୍ରତି ବିପଦ ରହିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ହାତୀ ଛୁଆ ଉଦ୍ଧାର ହେବା ପରେ ସନ୍ଧ୍ୟାରେ ଜଙ୍ଗଲକୁ ନେଇ ହାତୀପଲଙ୍କ ନିକଟରେ ଛଡ଼ାଯାଇଥିଲା। ଉକ୍ତ ଅଞ୍ଚଳରେ ବୁଲୁଥିବା ଦୁଇଟି ହାତୀପଲ ତାକୁ ଗ୍ରହଣ ନ କରିବାରୁ ସେ ଫେରିଆସିଥିଲା। ହାତୀର ଚିକିତ୍ସା ପାଇଁ ଜଣେ ପ୍ରାଣୀ ଚିକିତ୍ସକ ରହିଥିବା ବେଳେ ବନ ବିଭାଗ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଲାକ୍ଟୋଜେନ ଖାଇବାକୁ ଦିଆଯାଉଛି। କିନ୍ତୁ ହାତୀ ଛୁଆଟି କେବଳ ପାଣି ପିଉଛି, ଖାଦ୍ୟ କିଛି ଖାଉ ନାହିଁ। ଅନ୍ୟପକ୍ଷେ ସାଧାରଣତଃ ହାତୀ କୂଅ ବା ପାଣିରେ



■ପରୀକ୍ଷା ପାଇଁ ପଠାଗଲା ରକ୍ତ ନମୁନା

■ମଣିଷ ଗନ୍ଧ ଛଡ଼ାଇବା ଲାଗି ବୋଳା ହେଉଛି ହାତୀ ମଳ

ପଡ଼ିଗଲେ ଅନ୍ୟ ହାତୀମାନେ ତାକୁ ଉଦ୍ଧାର ଲାଗି ଉଦ୍ୟମ କରିଥାନ୍ତି। ବିଫଳ ହେଲେ ଲୋକେ ଉଦ୍ଧାର କରନ୍ତି। ତା' ପରେ ସେମାନେ ତୁରନ୍ତ ଆସି ନେଇଯାଇଥାନ୍ତି। କିନ୍ତୁ ଏହି କ୍ଷେତ୍ରରେ ଛୁଆ ପାଖକୁ ମା' ହାତୀ ସହ ହାତୀପଲ ନ ଆସିବାର କାରଣ ଖୋଜୁଛି ବନ ବିଭାଗ। ମଣିଷ ସଂସ୍ପର୍ଶରେ ଆସିଲେ ତଥା ମଣିଷର ଗନ୍ଧ ତା' ଦେହରେ ରହିଲେ ହାତୀପଲ ଆଉ ନିଜ ଦଳରେ ସାମିଲ କରନ୍ତି ନାହିଁ। ସେହିପରି ହାତୀ ଦୂରାରୋଗରେ ଆକ୍ରାନ୍ତ ହୋଇଥିଲେ ଦଳର ସମସ୍ତ ହାତୀଙ୍କୁ ବ୍ୟାପିବା ଆଶଙ୍କାରେ ସେମାନେ ସାମିଲ କରନ୍ତି ନାହିଁ। ଏଣୁ ବନ ବିଭାଗ ହାତୀ ଛୁଆର ରକ୍ତ ନମୁନା ପରୀକ୍ଷା ପାଇଁ ପଠାଇଥିବା ବେଳେ ମଣିଷ ଗନ୍ଧ ଛଡ଼ାଇବା ଲାଗି ହାତୀମାନଙ୍କ ମଳକୁ ଆଣି ଛୁଆହାତୀ ଦେହରେ ଲଗାଯାଉଥିବା ଜଣାଯାଇଛି।

# ୧୨ ଘଣ୍ଟା ଅଖଚକ ବନ୍ଦ



ବାରିପଦାଠାରେ ବନ୍ଦ ପାଳନରେ ସାମିଲ ହୋଇଥିବା ଭାଜପା କାର୍ଯ୍ୟକର୍ତ୍ତା।

ବାରିପଦା ଅଫିସ/ଉଦଳା/କପ୍ତିପଦା/ସାରସକଣା/ଖୁଣ୍ଟା/କୁଆମରା/ଠାକୁରମୁଣ୍ଡା/ବିଶୋଇ/ବୈଶିଙ୍ଗା, ୨୫।୧୦(ଡି.ଏନ.ଏ.)

ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ବେଳେ ବିଭିନ୍ନ ଦାବି ନେଇ କଳା ପତାକା ପ୍ରଦର୍ଶନ କରୁଥିବା ଭାଜପା କର୍ମୀମାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଆକ୍ରମଣକାରୀମାନଙ୍କୁ ପୋଲିସ ଗିରଫ କରୁ ନ ଥିବା ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଛି। ଉଦଳାଠାରେ ଭାଜପା କର୍ମୀମାନେ ସକାଳେ ବାଇକ୍ ରାଲି ସହିତ ପିକେଟିଂ କରିଥିଲେ। ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କପ୍ତିପଦାଠାରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଜିଲା ସମ୍ପାଦିକା ନଳିନୀ ସିଂହ, କପ୍ତିପଦା ମଣ୍ଡଳ ସଭାପତି ସଞ୍ଜୟ ବେହେରା, ନୁଦଡ଼ିହା ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ପରିଡ଼ା, ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଖାରପୋଖରିଆ ମଣ୍ଡଳ ସଭାପତି ସପନ ପାଢ଼ୀଙ୍କ ନେତୃତ୍ୱରେ ବିଧାୟକଙ୍କ ସାରସକଣା ପ୍ରତିନିଧି ତାପସ ଦତ୍ତ, ଏମ୍‌ପିଙ୍କ ପ୍ରତିନିଧି ପତଳୀ ନନ୍ଦ, ଜଳେଶ୍ୱର ନାଏକ, ବିଧାୟକ ଡା.ବୁଢାନ ମୁର୍ମୁ, ଯୁବନେତା ସନ୍ଦୀପ ମହାନ୍ତଙ୍କ ସହିତ ବହୁ କର୍ମୀ ସାମିଲ ଥିଲେ। ଠାକୁରମୁଣ୍ଡା ଓ ମହୁଲଡିହା ଭାଜପା ମଣ୍ଡଳ ସଭାପତି ରଣଜିତ ବେହେରା, ଜଗଦୀଶ ମହାନ୍ତଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ଜିଲା ସମ୍ପାଦକ ବିମଳ ସେନାପତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଛେନ୍ଦ୍ର ବେହେରା, ସବିତକାନ୍ତ ସୋରେନ, ଯୋଗେନ୍ଦ୍ରନାଥ ମହାନ୍ତ, ଚିତ୍ତରଞ୍ଜନ ଦାସ, କୃଷକ ମୋର୍ଚ୍ଚା ଜିଲା ସଭାପତି ରଞ୍ଜନ ମହାନ୍ତ, ସୁଦାମ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। କରଞ୍ଜିଆ ନଗର ମଣ୍ଡଳ ସଭାପତି ମହେଶ୍ୱର ସାହା, ଗ୍ରାମୀଣ ମଣ୍ଡଳ ସଭାପତି ଦେବେନ୍ଦ୍ର ମହାନ୍ତ ଓ ତାଟୋ ମଣ୍ଡଳ ସଭାପତି ସଞ୍ଜୀବ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଖୁଣ୍ଟା, ଡୁକୁରା, କହ୍ନେଇବନ୍ଧ ଆଦି ଛକରେ କର୍ମୀମାନେ ବନ୍ଦ ପାଳନ କରିଥିଲେ। ପୁରୁଣାପାଣି ଛକଠାରେ କର୍ମୀମାନେ ବାଇକ୍ ରାଲିରେ ବାହାରି ବଜାର ପରିକ୍ରମା କରିଥିଲେ। ଗୋପବନ୍ଧୁନଗର ବ୍ଲକରେ ବନ୍ଦ ପାଳନରେ ମଣ୍ଡଳ ସଭାପତି ଶାନ୍ତନୁ ମଡୁଆଳଙ୍କ ତତ୍ତ୍ୱାବଧାନରେ ପ୍ରଭାରୀ ଆଦର୍ଶ ଜେନା, ଜିଲା ପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଦୀନକୃଷ୍ଣ ଦାସବାବୁ, ଗିରିଜା ଶଙ୍କର ବେହେରା, ରଞ୍ଜନ ଦାସ, ହିତେଶ ସାହୁ, ଶକ୍ତିପଦ ଲେଙ୍କା ପ୍ରମୁଖ ନେତୃତ୍ୱ ନେଇଥିଲେ। ବିଶୋଇ ମଣ୍ଡଳ ଭାଜପା ସଭାପତି ଶିବ ପ୍ରସାଦ ଗିରି ଓ ମଣଦା ମଣ୍ଡଳ ସଭାପତି ଉମାକାନ୍ତ ନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନରେ ସାରସକଣା ବିଧାୟକ ଡାକ୍ତର ବୁଢାନ ମୁର୍ମୁ ସାମିଲ ହୋଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମାହାନ୍ତି, ଜିଲା ସାଧାରଣ ସମ୍ପାଦକ ଜୁରିଲାଲ ମହାନ୍ତ, ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ସୁନୀତିଲତା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବୈଶିଙ୍ଗା, ଯୁଗଳ, ଆଗ୍ରିଆ, ନଡ଼ପୁର, ପାଟଳିପୁରା, କେନ୍ଦୁଆ, ଗଡ଼ଦେଉଳିଆ, କଳମା, ଆମ୍ବଗଡ଼ିଆ, ରଘୁପୁର, ଅଁଳା ଆଦି ପଞ୍ଚାୟତରେ ଜନଜୀବନ ପ୍ରଭାବିତ ହୋଇଥିଲା। ବଡ଼ସାହି ବିଧାୟକ ସନାତନ ବିଜୁଲିଙ୍କ ଉପସ୍ଥିତିରେ କର୍ମୀମାନେ ଟାୟାର ଜାଳି ୧୮ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ରାଇରଙ୍ଗପୁରରେ ବିଧାୟକ ନବ ଚରଣ ମାଝି, ମହିଳା ନେତ୍ରୀ ମିଥିଳା ଟୁଡୁ, ମିନତୀ ବସା, ଯୁବନେତା ନବୀନ ରାମ, ଆଲୋକ ମହାନ୍ତି ଓ ବିକାଶ ମହାନ୍ତି ନେତୃତ୍ୱ ନେଇଥିଲେ।

# ସେବା ସମବାୟ ସମିତିରେ ଅନିୟମିତତା

ଭଦ୍ରକ ଅଫିସ, ୨୫।୧୦

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବରଗଡ଼ା ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିଲା। ସୋମବାର ଜିଲା ପ୍ରଶାସନର ଏକ ୪ ଜଣିଆ ଟିମ୍ ଏହି ସମିତିରେ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଛି। ସମବାୟ ସମିତିରୁ ଋଣ ଲେଜର(ଖାତା) ଜବତ କରାଯାଇଛି।

ଏହି ସମବାୟ ସମିତିରେ ପ୍ରାୟ ୩ଶହ ଚାଷୀଙ୍କ ନାଁରେ ଋଣ କରାଯାଇ ଆତ୍ମସାତ୍

**ଚଢ଼ାଉ କଲା ଜିଲା ପ୍ରଶାସନ**

କରାଯାଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଅଣଚାଷୀଙ୍କୁ ଚାଷୀ ଦର୍ଶାଇ ଋଣ ହଡ଼ପ, ଧାନକିଣାରେ ଅର୍ଥ ହଡ଼ପ, ଋଣ ସୁଧ ହଡ଼ପ, ରବି ଓ ଖରିଫ ଋତୁରେ ନକଲି ଚାଷୀଙ୍କ ନାଁରେ ଋଣ କରି ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ଦର୍ଶାଯାଇଥିଲା। ଏଆର୍‌ସିଏସ୍ ବିକାଶ ନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ଧାମନଗର କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ ଓ ସେବା ସମବାୟ ସମିତି ବିଭାଗର ପ୍ରଶାସନିକ ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା ସମିତିରେ ଅତର୍କିତ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଏବଂ ରେକର୍ଡ ଜବତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୬ଜଣ ଚାଷୀଙ୍କ ପାସ୍‌ବୁକ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବାରୁ ଘଟଣାର ସତ୍ୟତା ଜଣାପଡ଼ିଥିବା ଏଆର୍‌ସିଏସ୍ ନାୟକ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ମୃତ ଦେହ ଜବତ, ହତ୍ୟା ସନ୍ଦେହ

କେନ୍ଦୁଝର,୨୫।୧୦(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅଧୀନ କୁମୁଣ୍ଡି ପଞ୍ଚାୟତର ବେଣୁଆଡିହା ଗ୍ରାମ ନିକଟ ରାସ୍ତାକଡ଼ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ଟୁଙ୍ଗୁରୁ ସାହିର ଖଡୁ ଦେହୁରୀ ବୋଲି ଜଣାପଡ଼ିଛି। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଭତ୍ତା ବାଣ୍ଟିଲେ ବିଧାୟକ

ପାଟଣା,୨୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ସୋମବାର ସ୍ଥାନୀୟ ବିଧାୟକ ଜଗନ୍ନାଥ ନାଏକ ୨୫୩ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନାଏକ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିପିଓ ରଶ୍ମିରେଖା ମହାନ୍ତି, ମିରିଗିଖୋଜି ସମିତିସଭ୍ୟ ଧରିତ୍ରୀ ମହାନ୍ତ ଓ ଚିନାବାଳିପଶି ସରପଞ୍ଚ କନକଲତା ନାଏକ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏରିଆ ହସ୍ପିଟାଲ ଦାବିକୁ ସମର୍ଥନ

ବନ୍ତ,୨୫।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲ ଦାବିରେ ଡାକ୍ତରଖାନା ପରିସରରେ ସିପିଆଇ ପକ୍ଷରୁ ଦିବାରାତ୍ର ଗଣଧାରଣା ସୋମବାର ୫ମ ଦିନରେ ପହଞ୍ଚିଥିଲା। ଏହି ଦାବିକୁ କଂଗ୍ରେସ ସମେତ ବିଭିନ୍ନ ମହଲରୁ ସମର୍ଥନ କରାଯାଇଛି। ସୋମବାର ବ୍ଲକ କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ମଲ୍ଲିକ, ସରପଞ୍ଚ ମୁସ୍ତାକ ଅଲ୍ଲୀ ଖାଁ, ପ୍ରଫୁଲ୍ଲ ରାଉତ, ଯୁବନେତା ଜ୍ୟୋତି ରଞ୍ଜନ ନାୟକ, ଫାଲ୍‌ଗୁନି ରାଉତ, ବିଷ୍ଣୁ ମୋହନ ପଣ୍ଡା, ସାଦ୍ ସିଦ୍ଦିକ୍, ରାହୁଲ ଅମିନ୍, କୃଷକ ନେତା ତ୍ରିଲୋଚନ ପଣ୍ଡା, ପ୍ରାକ୍ତନ ଶିକ୍ଷକ ରଘୁନାଥ ଚଣ୍ଡ,



ଧାରଣାରତ କଂଗ୍ରେସ, ସିପିଆଇର ନେତା ଓ କର୍ମୀ।

**ଗଣଧାରଣାରେ ସାମିଲ ହେଲା କଂଗ୍ରେସ**

ନବଘନ ରାଜ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ନେଇ ସେମାନେ ବକ୍ତବ୍ୟ ରଖିଥିଲେ। ସିପିଆଇର ଗୋପବନ୍ଧୁ ସେଠୀ, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ଦିଲୀପ ନାୟକ, ଅଭିମନ୍ୟୁ ଜେନା, କିଶୋର ବେହେରାଙ୍କ ସମେତ ବହୁ କର୍ମୀ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସିପିଆଇ ପକ୍ଷରୁ କୁହାଯାଇଛି।

## ଚୋରି ଅଭିଯୋଗରେ ୨ଗିରଫ

ସାରସକଣା,୨୫।୧୦ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ଖାରପୋଖରିଆ ଥାନା ଅନ୍ତର୍ଗତ ପାକଟିଆ ଗ୍ରାମର ତାରଚାନ୍ଦ ମାଝିଙ୍କ ଅଭିଯୋଗ ଅନୁଯାୟୀ ସେ ରାସ୍ତା କଡରେ ଛେଳି ଚରାଉଥିବା ସମୟରେ ଦୁଇ ଯୁବକ ବାଇକ୍‌ରେ ଆସି ୨ଟି ଛେଳିକୁ ନେଇ ପଳାଉଥିଲେ। ସେ ପାଟି କରିବାରୁ ଯୋକା ନିକଟରେ ଗ୍ରାମବାସୀଙ୍କ ହାତରେ ୨ଚୋର ଧରାପଡ଼ିଥିଲେ। ପୋଲିସ ୨ଜଣଙ୍କୁ ଗିରଫ କରି ମାମଲା ରୁଜୁ କରିଛି।

## ଠିକା କର୍ମଚାରୀଙ୍କୁ ୨୦ହଜାର ଦରମା ଦାବି

ବାରିପଦା ଅଫିସ,୨୫।୧୦

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ସ୍ଥିତ ମୁଷାମାରୀ କଲ୍ୟାଣ ମଣ୍ଡପ ପରିସରରେ ନେସ୍କୋ ପାୱାର ଏମ୍ପ୍ଲଇଜ୍ ୟୁନିୟନର ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ବେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭରତ ସେଠୀ, ଶଶାଙ୍କ ବେହେରା, ବୃନ୍ଦାବନ ମହାନ୍ତି, ସପନ ଦାଶ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନେସ୍କୋଠାରୁ ଟାଟା ପାୱାର ଅଧିଗ୍ରହଣ କରିବା ପରେ କର୍ମଚାରୀଙ୍କ ଆର୍ଥିକ ସମସ୍ୟାକୁ ବିଜନେସ ଆସୋସିଏଟ ମାଧ୍ୟମରେ ଦୂର କରାଯାଇଛି। କୁଶଳୀ ଏବଂ ଅଶକୁଶଳୀ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ସର୍ବନିମ୍ନ ୨୦ହଜାର ଟଙ୍କା ଦରମା ପ୍ରଦାନ ସହ ବୀମାରାଶି ୫୦ହଜାର ଓ ଇଏସ୍‌ଆଇ କାର୍ଡ ସମାଧାନ ପାଇଁ ଦାବି ହୋଇଛି। ଦାବି ପୂରଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

# ପ୍ରଥମ ଦିନରେ କମ୍ ଉପସ୍ଥାନ

ଚମ୍ପୁଆ,୨୫।୧୦(ଡି.ଏନ.ଏ)

ଦେଢ଼ବର୍ଷ ପରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସୋମବାର ଖୋଲିଛି ଅଷ୍ଟମ ଶ୍ରେଣୀ। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସେତେଟା ଆଖିଦୃଶିଆ ହୋଇପାରି ନ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ୨୮ ପ୍ରତିଶତ ଉପସ୍ଥାନ ହୋଇଥିବା ସୂଚନା ମିଳିଛି। ବ୍ଲକରେ ଥିବା ନୋଡାଲ, ୟୁ.ପି. ଓ ଅନ୍ୟାନ୍ୟ ଅଷ୍ଟମ ଶ୍ରେଣୀ ଥିବା ୬୬ ବିଦ୍ୟାଳୟର ୧୯୯୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୪୨ଜଣ ଆସିଥିବା ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ କହିଛନ୍ତି। ସେ କୁଦଗାଡିଆ, ଚିମିଳା, ଯାମୁଦଳକ, ପାଞ୍ଚପୋଖରିଆ ଆଦି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉପସ୍ଥାନ କମ୍ ଥିବା ବିଦ୍ୟାଳୟର ଶିକ୍ଷକଙ୍କୁ ଅଭିଭାବକଙ୍କ ସହ ଯୋଗାଯୋଗ କରି ଶତପ୍ରତିଶତ ଉପସ୍ଥାନ କରିବାକୁ ପରାମର୍ଶ ଦେଇଛନ୍ତି।

## ଟାୟାର ଜାଳି ରାସ୍ତା ଅବରୋଧ

କେନ୍ଦୁଝର, ୨୫।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ହତ୍ୟା ଘଟଣାରେ ସ୍ଥାନୀୟ ଲୋକେ ନ୍ୟାୟ ଦାବିରେ ସୋମବାର ରାତିରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ନାରଣପୁର-ଢୁଙ୍ଗୁରୀ ରାସ୍ତା ଅବରୋଧ କରି ବସି ରହିଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଉତ୍ୟକ୍ତ ଲୋକେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ଜାରି ରଖିଥିଲା। ସୂଚନାଯୋଗ୍ୟ, ରବିବାର ହାତବନ୍ଧା ଅବସ୍ଥାରେ ଯୁବତୀଙ୍କ ମୃତଦେହ ସ୍ଥାନୀୟ ବିଲରୁ ମିଳିଥିଲା।

## ଘର ଭିତରକୁ ମାଡ଼ିଗଲା ବସ୍

ବିଶୋଇ,୨୫।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ବଡ଼ବାଲିଚୁଆ ଗ୍ରାମ ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତିଙ୍କ ବାସଗୃହ ମଧ୍ୟକୁ ପଶି ଯାଇଥିବା ଦେଖିବାକୁ ମିଳିଛି। ଘର ଭିତରେ ଶୋଇଥିବା ମା' ଓ ୩ ବର୍ଷର ଶିଶୁପୁତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଚଢ଼େଇଭୋଳ ଗ୍ରାମରୁ ୪୫ଜଣ ଲୋକେ ରବିବାର ବିଶୋଇ ବ୍ଲକ ଅନ୍ତର୍ଗତ ଅଶନଶିଖର ଗ୍ରାମକୁ ସାଦଖିଆ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ। ରାତି ପ୍ରାୟ ୧୧ଟା ବେଳେ ସେମାନେ ଏକ ବସ୍ ଭଡ଼ା କରି ଗ୍ରାମକୁ ଫେରୁଥିଲେ। ବଡ଼ବାଲିଚୁଆ



ଦୁର୍ଘଟଣାଗ୍ରସ୍ତ ବସ୍।

ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଏକ ଉଚ୍ଚ ସ୍ଥାନକୁ ବସ୍‌ଟି ଚଢୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼ ମାଟି ଘର ମଧ୍ୟକୁ ପଛୁଆ ମାଡ଼ିଯାଇଥିଲା। ସେହି ଘରେ ଶୋଇଥିବା ଗାଙ୍ଗୀ ନାଏକ(୨୨) ଓ ତାଙ୍କ ୩ ବର୍ଷର ଶିଶୁପୁତ୍ର ଅଳ୍ପକେ ବର୍ତ୍ତିଯାଇଥିଲେ। ବସ୍ ଡ୍ରାଇଭର ଫେରାର ଥିବାବେଳେ ଯାତ୍ରୀମାନଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

## ଜଳିଗଲା କିରୋସିନ ବୋଝେଇ ଅଟୋ

ଭଦ୍ରକ ଅଫିସ, ୨୫।୧୦

ଭଦ୍ରକ ଜିଲା ଧାମନଗର-ଚୁଡ଼ାକୁଟି ରାସ୍ତାର ପଣ୍ଡୁବଜାର ଛକ ନିକଟରେ ରବିବାର ଅପରାହ୍ନରେ ଏକ କିରୋସିନ ବୋଝେଇ ଅଟୋ ଜଳିଯାଇଛି। ଅଳ୍ପକେ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଅଟୋରେ ଜୟନଗର ସ୍ଥିତ ଡିପୋରୁ ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ)ର ଏକ ହଜାର ଲିଟର ପିଡିଏସ୍ କିରୋସିନ କଲ୍ୟାଣୀନଗରୀ ଅଞ୍ଚଳକୁ ଯାଉଥିଲା। ପଣ୍ଡୁବଜାର ଛକରେ ହଠାତ୍ ଅଟୋଟି ଜଳିବାକୁ ଲାଗିଥିଲା। ଏହା ଦେଖି ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ଦୌଡ଼ି ପଳାଇଥିଲେ। ଖବର ପାଇ ଧାମନଗର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଟୋଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ତେବେ କେଉଁ କାରଣରୁ ଅଟୋରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ।



# ନ୍ୟାୟ ପାଇଁ ଏସ୍‌ପି ଅଫିସ ଆଗରେ ଧାରଣା



ମୃତ ଶିଶୁଙ୍କ ପରିବାର ଲୋକେ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

ଭଦ୍ରକ ଅଫିସ, ୨୫।୧୦

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ଗାଁର ଜଣେ ମହିଳାଙ୍କ ସମେତ ଗ୍ରାମବାସୀ ଉପଯୁକ୍ତ ନ୍ୟାୟ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ଉକ୍ତ ଗ୍ରାମର ବିକାଶ ଯେନାଙ୍କ ୬ ମାସର ପୁଅ ଶଶୀକାନ୍ତ ଗତ ସେପ୍ଟେମ୍ବର ୧୫ରେ ପୋଲିଓ ଟିକା ନେଇଥିଲେ। ୧୬ରେ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

■ପୋଲିଓ ଟିକା ନେଇ ଶିଶୁ ମୃତ ଘଟଣା

■୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରତିଶ୍ରୁତି

ହେବାରୁ ପ୍ରଥମେ ଭଣ୍ଡାରିପୋଖରୀ ଓ ପରେ କଟକ ମେଡିକାଲ ଯିବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁ ଶିଶୁର ଜୀବନ ଯାଇଥିବା ନେଇ ଭଣ୍ଡାରିପୋଖରୀ ଥାନା, ପ୍ରଶାସନିକ ଅଧିକାରୀ ଓ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଥିଲେ ପରିବାର ଲୋକେ। ହେଲେ ଏହାମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆଶୀର୍ବାଦ ସଙ୍ଗଠନର ମୁଖ୍ୟ ମଞ୍ଜୁଲତା ସ୍ୱାଇଁଙ୍କ ସହାୟତାରେ ମୃତ ଶିଶୁଙ୍କ ପରିବାର ଲୋକେ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ପ୍ରକାଶ କରିଥିଲେ। ଏସ୍‌ପି ଚରଣ ସିଂ ମୀନା ଧାରଣାସ୍ଥଳରେ ପହଞ୍ଚି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

